# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ,ପାଟଣା

**ବିଜ୍ଞାପନ ସଂଖ୍ୟା – ୨୪୨ /ତାରିଖ- ୦୨.୦୩.୨୦୨୬**

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପାଟଣା ଅନ୍ତର୍ଗତ ଅଙ୍ଗନୱାଡି ସହକର୍ମୀ ଭାବରେ କାର୍ଯ୍ୟ କରିବାପାଇଁ ସ୍ୱେଚ୍ଛାସେବୀ ନିମନ୍ତେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଙ୍କ ପତ୍ର ସଂଖ୍ୟା ପତ୍ରସଂଖ୍ୟା ୫୫୬୪/ W.C.D. ତା. ୦୭.୦୩.୨୦୨୪ ରିଖ ଏବଂ ୪୫୯୭/ W.C.D. ତା. ୨୩.୦୨.୨୦୨୬ ଅନୁକ୍ରମେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଛୁକ ପ୍ରାର୍ଥିନୀ ମାନେ କେବଳ ଅନଲାଇନ (Online) ମାଧ୍ୟମରେ ସରକାରଙ୍କ ପ୍ରଦତ୍ତ ପୋର୍ଟାଲ (https://engagementawc.odisha. gov.in/landing) ଜରିଆରେ ଆବଶ୍ୟକୀୟ ସମସ୍ତ ପ୍ରମାଣପତ୍ର ଓ ତଥ୍ୟ ସହିତ ପ୍ରଦାନ କରି ତା.୦୫/୦୩/୨୦୨୬ ରିଖ ଠାରୁ ତା ୨୪/୦୩/୨୦୨୬ ରିଖ ରାତ୍ର ୧୨ ଘଟିକା ମଧ୍ୟରେ ଆବେଦନ କରିପାରିବେ । ଅନଲାଇନ (online) ବ୍ୟତୀତ ଅନ୍ୟ କୌଣସି ମାଧ୍ୟମରେ ପ୍ରେରଣ କରାଯାଇଥିବା ଦରଖାସ୍ତ ଗୁଡିକ ଗ୍ରହଣୀୟ ହେବ ନାହିଁ ।

**କ: ଅଙ୍ଗନୱାଡି କର୍ମୀ ଭାବେ ସ୍ୱେଚ୍ଛାସେବୀ ଚୟନ ହେବାକୁ ଥିବା କେନ୍ଦ୍ରଗୁଡ଼ିକର ବିବରଣୀ ।**

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତର ନାମ | ଗ୍ରାମର ନାମ | ବିଜ୍ଞାପିତ ଅଙ୍ଗନୱାଡି କେନ୍ଦ୍ରର ନାମ | କେନ୍ଦ୍ର ପରିସରଭୁକ୍ତ ସାହିର ନାମଗ୍ରାମର / ନାମ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | ବଡପାଟଣା | ବଡପାଟଣା | ମୁସଲିମସାହି | ଏମଡ଼ି. ମକସଦ ଘର ଠାରୁ ଏମଡ଼ି. ଆରିଫ ଘର ପର୍ଯ୍ୟନ୍ତ / ବିଦ୍ୟୁତପ୍ରଭା ଲେଙ୍କା ଙ୍କ ଘର ଠାରୁ ନକୁଳ କାରୁଆ ଙ୍କ ଘର ପର୍ଯ୍ୟନ୍ତ / ବଡ଼ପଟଣା ଗ୍ରାମ ପଞ୍ଚାୟତ ଅଞ୍ଚଳର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳ। |

ଖ: ବୟସ - ପ୍ରାର୍ଥିନୀଙ୍କର ସର୍ବନିମ୍ନ ବୟସ ତା- ୦୧.୦୧.୨୦୨୬ ରିଖ ସୁଧା ୧୮ ବର୍ଷ ଏବଂ ସର୍ବୋଚ୍ଚ ବୟସସୀମା ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

ଗ: ଶିକ୍ଷାଗତ ଯୋଗ୍ୟତା - ପ୍ରାର୍ଥିନୀଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ପାସ (+୨ ପାସ) ହୋଇଥିବା ଆବଶ୍ୟକ । ଦ୍ୱାଦଶ ଶ୍ରେଣୀରେ ମିଳିଥିବା ନମ୍ବରର ଶତକଡାକୁ ଆଧାର କରି ଆବେଦନକାରୀ ମାନଙ୍କର ମେଧା ତାଲିକା ପ୍ରସ୍ତୁତ କରାଯିବ । ମେଧା ତାଲିକା ପ୍ରସ୍ତୁତି ସମୟରେ ନିମ୍ନମତେ ଅତିରିକ୍ତ ନମ୍ବର ମୂଳ ନମ୍ବରର ଶତକଡା ନମ୍ବର ସହ ଯୋଗ ହେବ ।

| କ୍ର ନୋଂ | ବର୍ଗ | ଯୋଗ ହେବାକୁଥିବା ନମ୍ବର |
|---|---|---|
| ୧ | ଅନୁସୂଚିତ ଜନଜାତି ) ଅନୁସୂଚିତ ଜାତି /ST/SC) | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ ବାଳିକା (ଜନ୍ମ ହେଇଥିବା କିମ୍ବା ଆଇନ ଡଃ ପିତା ମାତା) | ୫ |
| ୪ | ଦିବ୍ୟାଙ୍ଗ ମହିଳା (ରୁ ଉର୍ଦ୍ଧ ୪୦ ଶତକଡା) | ୫ |
| ୫ | ଅସହାୟାସ୍ୱାମୀ ପରିତ୍ୟକ୍ତା/ନିରାଶ୍ରୟା/ । | ୫ |
| ୬ | ଦ୍ୱାଦଶ ରୁ ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥିବା ସ୍ଥଳେ | ୫ |
| ୭ | ପ୍ରାର୍ଥିନୀ ଅତୀତରେ ସମଗ୍ର ଶିକ୍ଷା କିମ୍ବା NPEGEL ଅଧୀନରେ ECCE ୱାର୍କର ଭାବେ କାର୍ଯ୍ୟ କରିଥିଲେ । | ବାର୍ଷିକ ୫ ନମ୍ବର ହିସାବରେ ସର୍ବାଧିକ ୧୫ ନମ୍ବର |
| ୮ | ପ୍ରାର୍ଥିନୀ ଅତୀତରେ ସମ୍ପୃକ୍ତ ଗ୍ରାମର ବାଲବାଡି କେନ୍ଦ୍ରରେ ବାଲବାଡି ୱାର୍କର ଭାବେ କାର୍ଯ୍ୟ କରିଥିଲେ । | ବାର୍ଷିକ ୫ ନମ୍ବର ହିସାବରେ ସର୍ବାଧିକ ୧୫ ନମ୍ବର |

ଘ: ପ୍ରାର୍ଥିନୀ ଓଡିଆ ଭାଷାର ଲେଖି, ପଢି ଓ କହି ପାରୁଥିବା ଆବଶ୍ୟକ ।

ଠ: କୌଣସି ନିର୍ବାଚିତ ଲୋକ ପ୍ରତିନିଧି ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ଆବେଦନ କରିପାରିବେ ନାହିଁ ।

**ଚ: ଦରଖାସ୍ତ ଆବେଦନ ସମୟରେ ଆବଶ୍ୟକ ହେଉଥିବା ପ୍ରମାଣପତ୍ର/ଦସ୍ତାବିଜର ବିବରଣୀ:-**

୧- ପାସ୍ପୋର୍ଟ ସାଇଜ ଫୋଟୋ କପି ।

୨- ଜନ୍ମ ପ୍ରମାଣପତ୍ର (ଦଶମ ପାସ ସାର୍ଟିଫିକେଟ) ।

୩- ଶିକ୍ଷାଗତ ପ୍ରମାଣପତ୍ର ଓ ମାର୍କସିଟ ।

୪- ଜାତିଗତ ପ୍ରମାଣପତ୍ର (ତହସିଲଦାରଙ୍କ ଠାରୁ ) ।

୫- ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ତହସିଲଦାରଙ୍କ ଠାରୁ ।

୬- ଅନାଥ ପ୍ରମାଣପତ୍ର (ସ୍ଥାନୀୟ ଲୋକପ୍ରତିନିଧିଙ୍କ ଠାରୁ) ।

୭- ଶାରୀରିକ ଭିନ୍ନକ୍ଷମ ପ୍ରମାଣପତ୍ର (ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଠାରୁ) ।

୮- ସ୍ୱାମୀ ପରିତ୍ୟକ୍ତା ପ୍ରମାଣପତ୍ର (କୋର୍ଟ ଦସ୍ତାବିଜ) ।

୯- ଅସହାୟ ପ୍ରମାଣପତ୍ର (ସ୍ଥାନୀୟ ଲୋକପ୍ରତିନିଧିଙ୍କ ଠାରୁ ) ।

୧୦- ବିଧବା ପ୍ରମାଣପତ୍ର (ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ର ) ।

୧୧- ECCE, ୱାର୍କର/ବାଲବାଡି କର୍ମୀ ଭାବେ ଅଭିଜ୍ଞତା ପ୍ରମାଣପତ୍ର (ସର୍ବଶିକ୍ଷା ଅଭିଯାନ) ।

୧୨- ଅଙ୍ଗନୱାଡି କର୍ମୀଙ୍କର ରେଜିଷ୍ଟରରେ ପ୍ରାର୍ଥିନୀଙ୍କର ଘର ନମ୍ବର ଥିବା ପୃଷ୍ଠାର ନକଲ (ଅଙ୍ଗନୱାଡି କର୍ମୀଙ୍କର ଦସ୍ତଖତ ଏବଂ ଷ୍ଟାମ୍ପ ସହ) ।

୧୩- ଅନଲାଇନ ମାଧ୍ୟମରେ ଦରଖାସ୍ତ ଦାଖଲ ସମୟରେ ଉପରୋକ୍ତ ଦସ୍ତାବିଜ ବ୍ୟତୀତ ଅନ୍ୟ କୌଣସି ପ୍ରମାଣପତ୍ର ଆବଶ୍ୟକ ହେଲେ, ପ୍ରାର୍ଥିନୀ ତାହା ଦାଖଲ କରିବେ ।

**ଛ: ଯାଞ୍ଚ ପ୍ରକ୍ରିୟା:-**

ଅନଲାଇନ ମାଧ୍ୟମରେ ନିର୍ଦ୍ଧାରିତ ଅବଧି ଯଥା ତା- ୦୫/୦୩/୨୦୨୬ ରିଖ ଠାରୁ ତା ୨୪/୦୩/୨୦୨୬ ରିଖ ରାତ୍ର ୧୨ ଘଟିକା ମଧ୍ୟରେ ମିଳିଥିବା ସମସ୍ତ ଆବେଦନ ପତ୍ର ଗୁଡିକ ସରକରି ନିର୍ଦ୍ଦେଶନାମା ଅନୁଯାୟୀ ତା- ୨୫.୦୩.୨୦୨୬ ରିଖ ସମୟ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩.୩୦ ଘଟିକା ମଧ୍ୟରେ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ କର୍ଯ୍ୟାଳୟ, ପାଟଣା ଠାରେ ଯାଞ୍ଚ କରାଯିବ। ତେଣୁ ଆବେଦନ କରିଥିବା ସମସ୍ତ ପ୍ରାର୍ଥିନୀ ମାନେ ସମସ୍ତ ମୂଳପ୍ରମାଣପତ୍ର ସହ ନିର୍ଦ୍ଧାରିତ ସମୟ ରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ।

**ଅନୁପସ୍ଥିତ ଥିବା ପ୍ରାର୍ଥିନୀଙ୍କର ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବନାହିଁ ।**

**ଜ: ଚୟନ ପ୍ରକ୍ରିୟା:-**

୧- ବିଜ୍ଞାପିତ ଅଙ୍ଗନୱାଡି କେନ୍ଦ୍ର ସେବା ପରିସରଭୁକ୍ତ ଅଞ୍ଚଳରୁ ଅଙ୍ଗନୱାଡି ସହକର୍ମୀ ପଦବୀ ପାଇଁ ଆବେଦନ କରିଥିବା ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରୁ କେବଳ ଅନୁସୂଚିତ ଜନଜାତିର (ST) ପ୍ରାର୍ଥିନୀ ଙ୍କୁ ଚୟନ କରାଯିବ ।

୨- ଯଦି ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ସେବା ପରିସରଭୁକ୍ତ ଅଞ୍ଚଳରୁ ଯୋଗ୍ୟ ଅନୁସୂଚିତ ଜନଜାତିର(ST)ପ୍ରାର୍ଥିନୀ ଉପଲବ୍ଧ ନ ହୁଅନ୍ତି, ତେବେ ସମ୍ପୃକ୍ତ ରାଜସ୍ୱ ଗ୍ରାମରୁ ଉପରୋକ୍ତ ମତେ ଆବେଦନ କରିଥିବା ଅନୁସୂଚିତ ଜନଜାତିର (ST) ପ୍ରାର୍ଥିନୀଙ୍କର ଦରଖାସ୍ତକୁ ବିଚାରକୁ ନିଆଯିବ ।

୩- ସେହିପରି ଯଦି ସମ୍ପୃକ୍ତ ରାଜସ୍ୱ ଗ୍ରାମରୁ ଯୋଗ୍ୟ ଅନୁସୂଚିତ ଜନଜାତିର (ST) ପ୍ରାର୍ଥିନୀ ଉପଲବ୍ଧ ନ ହୁଅନ୍ତି, ତେବେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ଅନ୍ତର୍ଭୁକ୍ତ ଗ୍ରାମଗୁଡିକ ମଧ୍ୟରୁ ବିଜ୍ଞାପିତ ରାଜସ୍ୱ ଗ୍ରାମର ନିକଟସ୍ଥ ଗ୍ରାମରୁ ଉପରମତେ ଆବେଦନକରିଥିବା ଅନୁସୂଚିତ ଜନଜାତିର (ST)ପ୍ରାର୍ଥିନୀଙ୍କର ଦରଖାସ୍ତ କୁ ବିଚାରକୁ ନିଆଯିବ ।

୪- ଯଦି ଉପରୋକ୍ତ ମତେ କୌଣସି ଯୋଗ୍ୟ ଅନୁସୂଚିତ ଜନଜାତିର (ST) ପ୍ରାର୍ଥିନୀ ଉପଲବ୍ଧ ନ ହୁଅନ୍ତି, ତେବେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ଚୟନ ପ୍ରକ୍ରିୟାର ଉପର ଲିଖିତ ୦୧,୦୨,୦୩, ରେ ପ୍ରଦର୍ଶିତ ପ୍ରସଙ୍ଗ ଭିତ୍ତିରେ ଅନୁସୂଚିତ ଜାତିର (SC) ପ୍ରାର୍ଥିନୀ ଆବେଦନକରିଙ୍କ ମଧ୍ୟରୁ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କରିବା ପାଇଁ ସ୍ୱେଚ୍ଛାସେବୀ ଚୟନ କରାଯିବ ।

୫- ଯଦି ଉପରୋକ୍ତ ମତେ କୌଣସି ଯୋଗ୍ୟ ଅନୁସୂଚିତ ଜନଜାତି (SC) ର ପ୍ରାର୍ଥିନୀ ଆବେଦନ କରିନଥାନ୍ତି, ତେବେ ସମ୍ପୃକ୍ତ କେନ୍ଦ୍ରାଞ୍ଚଳ ପରିସରଭୁକ୍ତ ଅଞ୍ଚଳରୁ ଉପରୋକ୍ତ ମତେ ସାଧାରଣ ବର୍ଗ ପ୍ରାର୍ଥିନୀ ଙ୍କୁ ସୁଯୋଗ ଦିଆଯିବ ।

**ପ୍ରକାଶ ଥାଉ, କି କୌଣସି ପରିସ୍ଥିତି ଅନୁଧ୍ୟାନ ପୂର୍ବକ ଏହି ବିଜ୍ଞାପନକୁ ଆବଶ୍ୟକ ମତେ ପରିବର୍ତ୍ତନ କିମ୍ବା ସମ୍ପୂର୍ଣ୍ଣ ବାତିଲ କରାଯାଇପାରେ ।**

2.3.2026

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ପାଟଣା**
Child Development Project Officer
Patna, Keonjhar

**ପରିପତ୍ର ସଂଖ୍ୟା- ୨୪୮ / ତାରିଖ- ୦୨.୦୩.୨୦୨୬**

ଏହାର ଏକକିତା ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କାର୍ଯ୍ୟାଳୟ ନୋଟିସ ବୋର୍ଡ/ଗ୍ରାମ ପଞ୍ଚାୟତ ନୋଟିସ ବୋର୍ଡ / ତହସିଲଦାରଙ୍କ ନୋଟିସ ବୋର୍ଡ / ପଞ୍ଚାୟତ ସମିତି ନୋଟିସ ବୋର୍ଡ କୁ ବହୁଳ ପ୍ରଚାର ନିମନ୍ତେ ଦିଆଗଲା ।

2.3.2026

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପାଟଣା**
Child Development Project Officer
Patna, Keonjhar

**ପରିପତ୍ର ସଂଖ୍ୟା- ୨୪୯ / ତାରିଖ – ୦୨.୦୩.୨୦୨୬**

ଏହାର ଏକକିତା ନକଲ ମହିଳା ପରିଦର୍ଶୀକାଙ୍କ ଅବଗତି ତଥା ବିଜ୍ଞାପିତ ଅଞ୍ଚଳର ସର୍ବସାଧାରଣଙ୍କର ବ୍ୟାପକ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

2.3.2026

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପାଟଣା**
Child Development Project Officer
Patna, Keonjhar